# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11th November - 2024

### News Editor : *Itishree Singh Rathuar*

**************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ସମେତ ୩ଟି ରାଜ୍ୟରେ ଅଗ୍ନିଶମ ସେବାର ବିସ୍ତାର ପାଇଁ ୭୨୫ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର ସରକାର; ଓଡ଼ିଶା ପାଇଁ ୨୦୧ କୋଟି ଟଙ୍କା ଅନୁମୋଦନ ।

- ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କଲେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ।

- ଭୁବନେଶ୍ୱରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଉଦ୍‌ଯାପିତ ।

ଏବଂ

- କାର୍ତ୍ତିକ ମାସର ପଞ୍ଚୁକ ବ୍ରତ ଆସନ୍ତାକାଲିଠାରୁ ଆରମ୍ଭ ।

— ବାବା ଧବଳେଶ୍ୱରଙ୍କ ପୀଠରେ ସ୍ୱତନ୍ତ୍ର ବ୍ୟବସ୍ଥା ।

*PIB*

# ଅଗ୍ନିଶମ ସେବା ଆଧୁନିକୀକରଣ

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ବୈଠକରେ ଓଡ଼ିଶା ସମେତ ୩ଟି ରାଜ୍ୟରେ ଅଗ୍ନିଶମ ସେବାର ବିସ୍ତାର ଓ ଆଧୁନିକୀକରଣ ଯୋଜନା ଅଧୀନରେ ୭୨୫ କୋଟି ୬୨ ଲକ୍ଷ ଟଙ୍କାର ୩ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି । ଏହି କମିଟି ଓଡ଼ିଶା ପାଇଁ ୨୦୧ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ସୂଚନା ଅନୁସାରେ ବିପର୍ଯ୍ୟୟ ପ୍ରଶମନକ୍ଷମ ଭାରତ ନିର୍ମାଣ ଲକ୍ଷ୍ୟକୁ ପୂରଣ କରିବା ଏବଂ ଦେଶରେ ବିପର୍ଯ୍ୟୟ ପ୍ରଭାବୀ ପ୍ରଶମନ ସୁନିଶ୍ଚିତ କରିବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନେକ ପଦକ୍ଷେପ ଗ୍ରହଣ କରିଛି । ଦେଶରେ ବିପର୍ଯ୍ୟୟ ବିପତ୍ତି ହ୍ରାସ ପ୍ରଣାଳୀକୁ ମଜବୁତ କରି ବ୍ୟାପକ ଧନଜୀବନ ହାନିକୁ ରୋକିବା ଲାଗି ପଦକ୍ଷେପ ନିଆଯାଉଛି । ଏହିକ୍ରମରେ ଚଳିତ ବର୍ଷ ରାଜ୍ୟଗୁଡ଼ିକୁ ୨୧ ହଜାର ୨୬ କୋଟିର ଅର୍ଥରାଶି ପୂର୍ବରୁ ବଣ୍ଟନ କରାଯାଇଛି ।

*Desk*

# ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି

ସୁପ୍ରିମ୍‌କୋର୍ଟର ୫୧ତମ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ସଞ୍ଜୀବ୍ ଖାନ୍ନା ଆଜି ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଭବନରେ ଆୟୋଜିତ

ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଖାନ୍ନାଙ୍କୁ ଶପଥପାଠ କରାଇଥିଲେ ।  ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଗତକାଲି ଦେଶର ପ୍ରଧାନ ବିଚାରପତି ପଦରୁ ଅବସର ଗ୍ରହଣ କରିବା ପରେ ଆଜି ଜଷ୍ଟିସ୍ ଖାନ୍ନା ଦାୟିତ୍ୱ ନେଇଛନ୍ତି।  ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀଗଣ ଏବଂ ସୁପ୍ରିମକୋର୍ଟର ବିଚାରପତିମାନେ ଉପସ୍ଥିତ ଥିଲେ ।  ୧୯୬୦ ମସିହା ମେ’ ମାସ ୧୪ ତାରିଖରେ ଜନ୍ମ ଗ୍ରହଣ କରିଥିବା ଜଷ୍ଟିସ୍ ଖାନ୍ନା ୧୯୮୩ ମସିହାରେ ଦିଲ୍ଲୀ ବାର୍ କାଉନ୍‌ସିଲରେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇଥିଲେ । ୨୦୦୫ ମସିହାରେ ଜଷ୍ଟିସ୍ ଖାନ୍ନା ଦିଲ୍ଲୀ ହାଇକୋର୍ଟରେ ପ୍ରଥମେ ଅତିରିକ୍ତ ବିଚାରପତି ଏବଂ ୨୦୦୬ ମସିହାରେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ ।

୨୦୧୯ ମସିହାରେ ସେ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ସେ ଇଲେକ୍‌ଟ୍ରୋରାଲ୍ ବଣ୍ଡ୍ ଯୋଜନାର ଉଚ୍ଛେଦ ଓ ଇଭିଏମ୍ ବ୍ୟବହାର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଐତିହାସିକ ରାୟ ପ୍ରଦାନ କରିଥିଲେ । ଜଷ୍ଟିସ୍ ଖାନ୍ନା ପ୍ରଧାନ ବିଚାରପତି ପଦବୀରେ ୬ ମାସ କାର୍ଯ୍ୟ କରି ୨୦୨୫ ମସିହା ମେ’ ମାସ ୧୩ ତାରିଖରେ ଅବସର ଗ୍ରହଣ କରିବେ।

***Desk***

# ନର୍ସିଂ ଡ୍ରେସ୍‌କୋଡ୍

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ନର୍ସଙ୍କ ଡ୍ରେସ୍‌କୋଡ଼ ପରିବର୍ତ୍ତନ କରାଯାଇଛି। ନର୍ସମାନେ ଏଣିକି ନୂଆ ରଙ୍ଗ ଏବଂ ଡିଜାଇନର ଡ୍ରେସ୍ ପିନ୍ଧିବେ। ହାଲୁକା ବାଇଗଣି ରଙ୍ଗର ଡ୍ରେସରେ ସମ୍ବଲପୁରୀ ଛିଟ ରହିବ। ଉଭୟ ପୁରୁଷ ଏବଂ ମହିଳା ନର୍ସମାନେ ଇଷତ୍ ବାଇଗଣି ରଙ୍ଗର ପ୍ୟାଣ୍ଟ, ସାର୍ଟ ପିନ୍ଧିବେ। ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ସାୟନ ବ୍ଲୁ ଅର୍ଥାତ୍ ହାଲୁକା ନୀଳରଙ୍ଗର ଡ୍ରେସ୍ ପିନ୍ଧିବେ। ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟଙ୍କର ଧଳା ଶାଢ଼ୀ ଓ ଡ୍ରେସ୍ ରହିବ। ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ସହ ଆଲୋଚନା ପରେ ସରକାର ଏହି ନିଷ୍ପତ୍ତି ନେଉଥିବା ଜଣାପଡ଼ିଛି।

***BBSR/R***

# ମହିଳାଙ୍କ ଛୁଟି

ରାଜ୍ୟରେ ମହିଳା ସରକାରୀ କର୍ମଚାରୀଙ୍କୁ ଅତିରିକ୍ତ ଛୁଟି ପ୍ରଦାନ ନେଇ ଅର୍ଥବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମହିଳା କର୍ମଚାରୀଙ୍କୁ ମାସିକ ଋତୁସ୍ରାବ ସମୟରେ ଶାରୀରିକ ଅସୁବିଧାକୁ ଧ୍ୟାନରେ ରଖି ପ୍ରତି ମାସରେ ଏକ ଅତିରିକ୍ତ ଆକସ୍ମିକ ଛୁଟି ଦିଆଯିବାକୁ ନିଷ୍ପତ୍ତି ହୋଇଛି । ଏଥି ପାଇଁ ବାର୍ଷିକ ୧୨ ଦିନର ଅତିରିକ୍ତ ଛୁଟି ଦିଆଯିବ । ମହିଳା କର୍ମଚାରୀ ୫୫ ବର୍ଷ ବୟସ

ପୂରଣ ଯାଏଁ ଛୁଟି ନେଇପାରିବେ । ଗୋଟିଏ ମାସର ଦିନଟିଏ ଛୁଟି ଉକ୍ତ ମାସରେ ହିଁ ନେବାକୁ ପଡ଼ିବ । ଅଣ-ଉପଲବ୍ଧ ଛୁଟି ପରବର୍ତ୍ତୀ ମାସକୁ ଯାଇପାରିବ ନାହିଁ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

***HS***

## ମିଶନ ଶକ୍ତି

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଦୁଇଦିନିଆ 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ ୨୦୨୪' ଆଜି ଉଦ୍‌ଯାପିତ ହୋଇଛି । ବିସ୍ମୃତ ଖାଦ୍ୟର ପ୍ରଚାର ପ୍ରସାର ଓ ପ୍ରକ୍ରିୟାକରଣ ଦିଗରେ ଧ୍ୟାନ ଦେଇ ରାଜ୍ୟରେ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ସମ୍ମିଳନୀର ଦ୍ୱିତୀୟ ଦିବସର ପ୍ରାରମ୍ଭିକ ଅଧିବେଶନରେ ମିଶନ ଶକ୍ତି ବିଭାଗ ଦ୍ୱାରା 'ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉଦ୍ୟୋଗୀମାନେ ବିସ୍ମୃତ ଖାଦ୍ୟର ବ୍ୟବସାୟୀକରଣ ଓ ଉଦ୍ୟୋଗୀକରଣ ସଂପର୍କରେ ଆଲୋଚନା କରିଥିଲେ ।

ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ,  ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଭାରତ ମୁଖ୍ୟ ଏଲିଜାବେଥ ଫର୍'ଙ୍କ କମ୍ ଜଳ ବ୍ୟବହାରରେ ହେଉଥିବା ଫସଲକୁ ପ୍ରୋତ୍ସାହନୀ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିସ୍ମୃତ ଖାଦ୍ୟଶସ୍ୟର ଜୈବିକ ଚାଷ, ପ୍ରଚାର ପ୍ରସାର ତଥା ଗୋଷ୍ଠୀ ସହଭାଗିତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।

*IPR*

# ରାଜ୍ୟସ୍ତରୀୟ ସୁରଭି

ଶିଶୁଦିବସ ଉପଲକ୍ଷେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆସନ୍ତାକାଲିଠାରୁ ରାଜ୍ୟସ୍ତରୀୟ ଶିଶୁମହୋତ୍ସବ 'ସୁରଭି' ଆରମ୍ଭ ହେଉଛି । ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମାପନ ସମାରୋହରେ ଯୋଗ ଦେବେ ବୋଲି ସୂଚନା ମିଳିଛି । ଭୁବନେଶ୍ୱର କ୍ୟାପିଟାଲ୍ ହାଇସ୍କୁଲ୍ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ବ୍ଲକ୍ ଓ ଜିଲ୍ଲାସ୍ତରରେ ବିଭିନ୍ନ ପ୍ରତିଯୋଗିତାର ବିଜେତା ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ଏହି ତିନିଦିନିଆ ମହୋତ୍ସବରେ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ୍‌କାର, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

*Desk*

# ପଞ୍ଚକ - ଧବଳେଶ୍ୱର

କଟକର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ ପଞ୍ଚକ ବ୍ରତ ଓ ବଡ଼ଓଷା ଯାତ୍ରା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆସନ୍ତା ବୁଧବାର ୧୩ ତାରିଖରେ

ବଡ଼ଓଷା ଏବଂ ଗୁରୁବାର ୧୪ ତାରିଖରେ ଗଜଭୋଗ ବିତରଣ କରାଯିବ। ଚଳିତ ବର୍ଷ ପୀଠ ପରିସରରେ ଏବଂ ଚାରି ପାଖରେ ସିସିଟିଭି କ୍ୟାମେରା ଲଗାଯାଇଛି। ପୀଠର ଉଭୟ ପାର୍ଶ୍ୱରେ ନଦୀଥିବାରୁ ଅଘଟଣାକୁ ଏଡ଼ାଇବାକୁ ଦୁଇଟି ଓଡ୍ରାଫ୍ ଟିମ୍ ନିୟୋଜିତ ଅଛନ୍ତି। ଆଜିଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଯାନବାହନ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ କଟକଣା ଲାଗୁ ହୋଇଛି।

***Puri/R***

# ପଞ୍ଚୁକ ବ୍ରତ

ପୁରୀ ଶ୍ରୀକ୍ଷେତ୍ରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ପଞ୍ଚୁକ ବ୍ରତ । ଚଳିତ ବର୍ଷ ଏହି ବ୍ରତ ପାଞ୍ଚଦିନ ପରିବର୍ତ୍ତେ ୪ ଦିନ ପାଳିତ ହେଉଥିବାରୁ ଶ୍ରୀକ୍ଷେତ୍ରରେ ଅଧିକ ଶ୍ରଦ୍ଧାଳୁ ସମାଗମ ହେବାର ସମ୍ଭାବନା ରହିଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି । ସୂଚନା ଅନୁଯାୟୀ, ପଞ୍ଚୁକ ତିଥିରେ ଏକଦିବସ କ୍ଷୟ ପଡୁଥିବାରୁ ଚଳିତ ବର୍ଷ ଲକ୍ଷ୍ମୀ-ନୃସିଂହ ବେଶ ହେବ ନାହିଁ । ଆସନ୍ତାକାଲି ବଡ଼ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀ-ନାରାୟଣ ବେଶ ଅନୁଷ୍ଠିତ ହେବ । ଆଜି ମହାପ୍ରଭୁଙ୍କ ରାଧା-ଦାମୋଦର ବେଶ ଓ ଶ୍ରୀବଳଦେବଙ୍କ ହରିହର ବେଶ ଅନୁଷ୍ଠିତ ହୋଇଛି ।

*Desk*

## ଶ୍ରୀମନ୍ଦିର - ଧ୍ୱଜାବନ୍ଧା ନୀତି

ପୁରୀ ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ଭିଡ଼କୁ ଦୃଷ୍ଟିରେ ରଖି ଧ୍ୱଜାବନ୍ଧା ନୀତି ସନ୍ଧ୍ୟା ବଦଳରେ ଅପରାହ୍ନ ୩ଟା ୩୦ରୁ ୪ଟା ମଧ୍ୟରେ ସମ୍ପନ୍ନ ହୋଇଛି । ପରିବର୍ତ୍ତିତ ସମୟ ଅନୁଯାୟୀ ଧ୍ୱଜା ବନ୍ଧା ସମାପନ କରିବାକୁ ସମ୍ପୃକ୍ତ ସେବକଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା ।

*Desk*

## ସାନ୍ତାଳୀ ଭାଷାରେ ସମ୍ବାଦ

ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ସମ୍ବଲପୁରୀ, ସାନ୍ତାଳୀ ଏବଂ ଦେଶୀଆ ଭାଷାରେ ସମ୍ବାଦ ପ୍ରସାରଣ କରାଯିବ। ଏଥିପାଇଁ ସମ୍ବଲପୁରୀ, ସାନ୍ତାଳୀ ଓ ଦେଶୀୟ ଭାଷାର ସମ୍ବାଦ ପାଠକ, କପି ଏଡିଟର ଏବଂ ଭିଡିଓ ଏଡିଟରର ଆବଶ୍ୟକତା ରହିଛି। ଉପଯୁକ୍ତ ପ୍ରାର୍ଥୀଙ୍କଠାରୁ ଏଥିପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି। ଇଚ୍ଛୁକ ପ୍ରାର୍ଥୀ ପ୍ରସାରଭାରତୀ ୱେବସାଇଟ୍ prasarbharati.gov.inର vacancies ବିଭାଗକୁ ଯାଇ ବିଜ୍ଞାପନର ସବିଶେଷ ବିବରଣୀ ଜାଣିପାରିବେ। ଆବେଦନ କରିବାର ଶେଷ ତାରିଖ ହେଉଛି ଚଳିତ ମାସ ୨୦ ତାରିଖ।

*Dhenkanal/R*

## ସମୀକ୍ଷା ବୈଠକ

ଢେଙ୍କାନାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସମସ୍ତଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନେଇ ଆଲୋଚନା ହୋଇଥିଲା । ଜିଲ୍ଲା ପ୍ରଶାସନ ଦୁର୍ନୀତିମୁକ୍ତ ହୋଇ କାର୍ଯ୍ୟ କରିବା ଉପରେ ମନ୍ତ୍ରୀ ଶ୍ରୀ ନାଏକ ଗୁରୁତ୍ୱପ୍ରଦାନ କରିଥିଲେ ।

*ECoR*

## ରେଳପଥ ସମୀକ୍ଷା

ପୂର୍ବତଟ ରେଳବାଇ ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ୍ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ନିର୍ମାଣ ସହ ୭ ନମ୍ବର ଟନେଲ୍ର ନିର୍ମାଣ କାର୍ଯ୍ୟ ନେଇ ସମୀକ୍ଷା କରିଛନ୍ତି । ସମୀକ୍ଷା ପରେ ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା ବୌଦ୍ଧ ଷ୍ଟେସନଠାରୁ ପୁରୁଣା କଟକ ଷ୍ଟେସନ୍ ପର୍ଯ୍ୟନ୍ତ ସମସ୍ତ ରେଳପଥ

ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି । ପରେ ଶ୍ରୀ ଫଙ୍କୁଓ୍ୱାଲ୍ ପୁରୁଣା କଟକ ଷ୍ଟେସନରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ ।

***Keonjhar/R***

## ବାଇକ୍ ପି.ସି.ଆର୍.

କେନ୍ଦୁଝର ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ନିମନ୍ତେ ବାଇକ୍ ପି.ସି.ଆର୍. ସେବା ଆରମ୍ଭ କରାଯାଇଛି । ଯେଉଁସବୁ ସ୍ଥାନମାନଙ୍କୁ ପି.ସି.ଆର୍. ଗାଡ଼ି ଯିବା ସମ୍ଭବ ନୁହେଁ, ସେଠାକୁ ଦୁଇଚକିଆ ଗାଡ଼ିରେ ପୁଲିସ୍ ଯିବ ବୋଲି ଜଣାପଡ଼ିଛି । ଜିଲ୍ଲାର ଟାଉନ୍ ଥାନା ଅଞ୍ଚଳରେ ୧୦ଟି ବାଇକ୍ ପି.ସି.ଆର୍. ସେବା ଆରମ୍ଭ ହୋଇଛି । ଏଥିରେ ବଡ଼ି କ୍ୟାମେରା, ସାଇରନ୍ ଓ ଟ୍ରାକିଂ ସିଷ୍ଟମ୍ ଭଳି ଅତ୍ୟାଧୁନିକ ବ୍ୟବସ୍ଥା ରହିଛି । ୧୧୨ ନମ୍ବରକୁ କଲ୍ କରି ଜନସାଧାରଣ ଏହି ସେବା ପାଇପାରିବେ ବୋଲି ଜଣାପଡ଼ିଛି ।

***Gajapati/R***

## ସର୍ଗିଫୁଲ

ଗଜପତି ଜିଲ୍ଲା ରାମଗିରିସ୍ଥିତ ମଙ୍ଗଳ ବିଭାଗ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ 'ସର୍ଗିଫୁଲ' ଉତ୍ସବ ତଥା ଶିଶୁମହୋତ୍ସବ

ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

*Nayagarh, Bhadrak/R*

## ଜନଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକଙ୍କ ସମସ୍ୟା ସମାଧାନ ନିମନ୍ତେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକରେ ଅନୁଷ୍ଠିତ ଶିବିରରେ ୮୭ଟି ଅଭିଯୋଗ ମଧ୍ୟରୁ ୧୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ଭଦ୍ରକ ଜିଲ୍ଲା ବାସୁଦେବପୁର ଟାଉନ୍ ହଲ୍‌ରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିରରେ ୨୧୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ମିଳିତ ଭାବେ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ ।

*****